# ପିଲାମାନଙ୍କ ପାଇଁ ବାଇବଲ

ଉପହାର



## ରାଜକୁମାର

## ମେଷପାଳକ ହେଲା

ଲେଖକ: Edward Hughes

ଦୃଷ୍ଟାନ୍ତ: M. Maillot; Lazarus

ଉପଯୋଜକ: E. Frischbutter; Sarah S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଦିନେ ମୋଶା ଦେଖିଲେ ଯେ ଜଣେ
ମିଶ୍ରିୟ ଲୋକ ଏକ ଏବ୍ରୀୟଙ୍କୁ
ଅତ୍ୟାଚାର କରୁଥିଲେ ।




ମୋଶା ରାଜପରିବାରରେ ରହି ଓ
ଶିକ୍ଷାଲାଭ କରି ରାଜକୁମାର
ଭାବେ ଫାରୋଙ୍କ ସ୍ଥାନରେ
ବଢ଼ିଥିଲେ ମଧ୍ୟ ସେ ଏକ
ଏବ୍ରୀୟ ଥିଲେ ।
ତାଙ୍କୁ ସେହି
ଦାସର
ସାହାଯ୍ୟ
କରିବା ଦରକାର ।

ଚାରିଆଡ଼େ ଅନାଇ ଦେଖି କେହି ଦେଖୁନାହାନ୍ତି ଜାଣି ମୋଶା ସେହି ନିର୍ଦୋଷ କାର୍ଯ୍ୟଶାସକଙ୍କୁ ଆକ୍ରମଣ କରି ବଧ କଲେ । ଶିଘ୍ର ସେହି ମିଶ୍ରୀୟର ଶରରକୁ ଶରିରକୁ ।



ତହିଁ ଆରଦିନ ମୋଷା ଦୁଇ ଏବ୍ରୀୟଙ୍କୁ ତର୍କ କରୁଥିବା ଦେଖିଲେ । ସେ ସେମାନଙ୍କୁ ନିଜ ମଧ୍ୟରେ ଯୁକ୍ତି ନ କରିବାକୁ କହିଲେ । ସେମାନଙ୍କ ମଧ୍ୟରୁ ଜଣେ କହିଲା, ତୁମେ କି ମୋତେ ମଧ୍ୟ ସେହି ମିଶ୍ରୀୟ ପରି ମାରିଦେବାକୁ ଯୋଜନା କରୁଅଛ, ମୋଶା ଭୟଭିତ ହେଲେ ।



ପୂର୍ବଦିନ କଥା ସମସ୍ତେ ଜାଣିଥିଲେ । ଫାରୋ ମଧ୍ୟ ଜାଣିଥିଲେ । ମୋଶାଙ୍କୁ ନିଜ ଜୀବନ ବଞ୍ଚାଇବାକୁ ଦେଶତ୍ୟାଗ କରିବାକୁ ପଡ଼ିଲା, ସେ ମିଦିୟନ୍ ନାମକ ଦେଶକୁ ଗଲେ ।



ଯେତେବେଳେ ମୋଶା ଏକ କୂପ ନିକଟରେ ବିଶ୍ରାମ କଲେ, ଏହି ଦେଖ
ସାତ କନ୍ୟା ତାଙ୍କ ପିତା ଯେ କି ମିଦିୟନ୍ ଦେଶରେ ଏକ ଯାଜକ
ଥିଲେ ତାଙ୍କର ମେଷପଲ ନେଇ ସେହି କୂପ ନିକଟକୁ ଆସିଲେ ।



ଅନ୍ୟ ମେଷପାଳକମାନେ ସେମାନଙ୍କୁ ସେଠାରୁ ଆଡ଼େଇଦେଲେ, ସେହି ସମୟରେ ମୋଶା ସେମାନଙ୍କୁ ରକ୍ଷା ଓ ସାହାଯ୍ୟ କଲେ ।



ଚୁମ୍ଭେମାନେ ଆଜି ଅତି ଶିଘ୍ର
ଫେରି ଆସିଲ, ତାଙ୍କର ପିତା
ରୟେଲ୍ ଅବାକ୍ ହୋଇ
ସେମାନଙ୍କୁ ପଚ଼ାରିଲେ ।




ଯେତେବେଳେ ସେମାନ ମୋଶାଙ୍କ ବିଷୟରେ କହିଲେ, ସେହି ମନୁଷ୍ୟକୁ ଗୃହକୁ ଆଣ, ତାଙ୍କ ପିତା ସେମାନଙ୍କୁ କହିଲେ ।
ମୋଶା ରୟେଲ୍‌ଙ୍କ ସହିତ ବାସ କଲେ ଯାହାକୁ ଜୀଥ୍ରୋ ମଧ୍ୟ କୁହାଯାଉଥିଲା ।
ପରେ, ମୋଶା ରୟେଲଙ୍କର ଜ୍ୟେଷ୍ଠକନ୍ୟାଙ୍କୁ ବିବାହ କଲେ ।


ମିଶର ଦେଶରେ, ଫାରୋଙ୍କର ମୃତୁ
ହେଲା । ଏବେମଧ୍ୟ ସଦାପ୍ରଭୁଙ୍କ
ଲୋକମାନେ, ଅବ୍ରୀୟମାନେ
ଦାସତ୍ୱ ଜୀବନ
ଯାପନ କରୁଥିଲେ ।

ସେମାନେ ନିଜର ଦୁଃଖ
ନିମନ୍ତେ କିପରି କାନ୍ଦିଲେ, ସାହାଯ୍ୟ
ପାଇଁ କିପରି ସଦାପ୍ରଭୁଙ୍କୁ ପ୍ରାର୍ଥନା
କଲେ,



ସଦାପ୍ରଭୁ ସେମାନଙ୍କର
ପ୍ରାର୍ଥନା ଶ୍ରବଣ କଲେ ।

ମୋଶା ଏ ବିଷୟରେ କିଛି ଜାଣିନଥିଲେ, କିନ୍ତୁ ସଦାପ୍ରଭୁ ମୋଶାଙ୍କ ଦ୍ୱାରା ଦାସତ୍ୱରେ ଥିବା ଏବ୍ରୀୟମାନଙ୍କୁ ଉଦ୍ଧାର କରିବାକୁ ଯୋଜନା କରିଥିଲେ । ମୋଶାଙ୍କୁ ମିଶରଦେଶ ଛାଡ଼ି ଚାଲିଯିବାର ଚାଳିଶ ବର୍ଷ ବିତିଗଲା ।



ସେ ରୟେଲଙ୍କର ମେଷପଲ ଚରାଉଥିଲେ ।
ମାତ୍ର ନିଶ୍ଚିତ ଭାବରେ ସେ ମିଶରରେ
ଥିବା ନିଜଲୋକମାନଙ୍କୁ ମନେ
ପକାଇଥିବେ ।



ଏକ ସମୟରେ ମୋଶା ଦେଖିଲେ ଯେ ଗୋଟିଏ
ବୁଦା ନିଆଁରେ ଜଳୁଅଛି । ମାତ୍ର ସେହି ବୁଦାଟି ନଷ୍ଟ
ହେଉନାହିଁ । ମୋଶା ଦେଖିବାକୁ ଚାହିଁଲେ,
କାହିଁକି ବୁଦାଟି ଦଗ୍ଧ
ହେଉନାହିଁ ।



ଯେତେବେଳେ ମୋଶା ପାଖକୁ ଗଲେ, ସେତେବେଳେ ପରମେଶ୍ୱର ବୁଦା ମଧ୍ୟରୁ ତାଙ୍କୁ ଡାକି କହିଲେ, ହେ ମୋଶା, ତହିରେ ସେ କହିଲେ ଏହି ଦେଖ ମୁଁ ଉପସ୍ଥିତ । ପରମେଶ୍ୱର କହିଲେ ପାଖକୁ ଆସନାହିଁ, ତୁମ୍ଭର ପାଦୁକା କାଢ଼ିପକାଅ କାରଣ ତୁମ୍ଭେ ଯେଉଁ ସ୍ଥାନରେ ଛିଡ଼ାହୋଇଅଛ ତାହା ପବିତ୍ରସ୍ଥାନ ।




ଆମ୍ଭେ ତୁମ୍ଭକୁ ଫାରୋ ନିକଟକୁ ପ୍ରେରଣ କରିବା
ଯେପରି ତୁମ୍ଭେ ସେମାନଙ୍କୁ ମିଶରରୁ ବାହାର କରି ଆଣିବ,
ପରମେଶ୍ୱର କହିଲେ । ମାତ୍ର ମୋଶା
ଯିବାକୁ ଭୟ କଲେ ।

ପରମେଶ୍ୱର ମୋଶାଙ୍କୁ ନିଜର ମହାଶକ୍ତି ଦେଖାଇଲେ । ସେ ମୋଶାଙ୍କ ଯଷ୍ଠିକୁ ସର୍ପରେ ପରିଣତ କଲେ ।



ଯେତେବେଳେ ମୋଶା ସେହି ସର୍ପକୁ ତାର ଲାଞ୍ଜରୁ ଉଠାଇଲେ ତାହା ପୁନର୍ବାର ଯଷ୍ଠି ହୋଇଗଲା । ପରମେଶ୍ୱର ଅନ୍ୟଏକ ଚିହ୍ନ ଦେଲେ ।



ତୁମ୍ଭେ ଆପଣା ହସ୍ତ ନିଜ ବକ୍ଷସ୍ତଳରେ ଦିଅ, ପରମେଶ୍ୱର କହିଲେ ।
ମୋଶା ତାହା କଲେ । ତାଙ୍କର ହସ୍ତ ହିମବର୍ଣ୍ଣ ତୁଲ୍ୟ
କୁଷ୍ଟଯୁକ୍ତ ହେଲା ।



ଯେତେବେଳେ ସେ ପୁନର୍ବାର ସେପରି କଲେ, ତାହାର ହାତ ସୁସ୍ଥ ହୋଇଥିଲା ।



ମୋଶା କିନ୍ତୁ ପୁନର୍ବାର ପରମେଶ୍ୱରଙ୍କୁ କହିଲେ, ହେ ପ୍ରଭୁ ମୁ ବାକ୍ୟପତି ନୁହେଁ, ମୁ ବାକ୍ୟରେ ଧିର ଓ ଜଡ଼ଜିହ୍ୱ ଅଟେ । ପରମେଶ୍ୱର କ୍ରୋଧିତ ହେଲେ । ମୁଁ ତୁମ୍ଭର ଭାଇ ହାରୋଣଙ୍କୁ ତୁମ୍ଭନିମନ୍ତେ କଥା କହିବା ପାଇଁ ବ୍ୟବହାର କରିବି, ସେ ତୁମ୍ଭ ମୁଖର ବାକ୍ୟ ଲୋକମାନଙ୍କୁ କହିବ ।



ମୋଶା ଯିଥ୍ରୋଙ୍କ ନିକଟକୁ ଫେରି ଆସିଲେ, ନିଜର ଜୀନିଷପତ୍ର ଧରି ମିଶରକୁ ଗଲେ ।



ପରମେଶ୍ୱର ମୋଶାଙ୍କୁ ବ୍ୟବହାର କଲେ,
ପର୍ବତରେ ତାଙ୍କ ଭାଇ ହୋରୋଣ
ମୋଶାଙ୍କୁ ଭେଟିଲେ । ମୋଶା
ପରମେଶ୍ୱରଙ୍କ ସମସ୍ତ
ଯୋଜନା ସେ ଯେ
ଏବ୍ରୀୟମାନଙ୍କୁ ମିଶର
ଦେଶରୁ ମୁକ୍ତକରିବା
ବିଷୟରେ ହାରୋଣଙ୍କୁ
କହିଲେ ।



ସେ ଦୁହେଁ ମିଶି ଏହି ସମ୍ବାଦ ଏବ୍ରୀୟମାନଙ୍କ ପ୍ରାଚ଼ିନ ବର୍ଗଙ୍କୁ ଜଣାଇଲେ । ଯେତେବେଳେ ମୋଶା ଏବ୍ରୀୟ ପ୍ରାଚ଼ିନ ବର୍ଗଙ୍କୁ ସେହି ଚ଼ିହ୍ନ ପ୍ରକାଶ କଲେ, ସେମାନେ ଜାଣିଥିଲେ, ପରମେଶ୍ୱର ନିଶ୍ଚତଭାବରେ ସେମାନଙ୍କୁ ସାହାଯ୍ୟ କରିବେ । ସେ ଦୁହେଁ ପ୍ରଣାମ କରି ଉପାସନା କଲେ ।



ଦାମ୍ଭିକତାର ସହିତ, ମୋଶା ଓ ହାରୋଣ ଫାରୋଙ୍କ ନିକଟକୁ ଗଲେ । ଇସ୍ରାଏଲର ସଦାପ୍ରଭୁ ପରମେଶ୍ୱର କହନ୍ତି, ଆମ୍ଭ ଲୋକମାନଙ୍କୁ ଯିବାକୁ ଛାଡ଼ିଦିଅ । ସେମାନେ ଫାରୋଙ୍କୁ କହିଲେ ।



ମୁ ସେହି ଇସ୍ରାଏଲୀୟମାନଙ୍କୁ ଯିବାକୁ ଦେବି ନାହିଁ,
ଫାରୋ ଉତ୍ତର ଦେଲେ । ସେ ପରମେଶ୍ୱରଙ୍କ
ବାଧ୍ୟ ହେବାନାହିଁ ।



ଏବେ ଫାରୋଙ୍କ ମନ ବଦଳାଇବା ନିମନ୍ତେ
ପରମେଶ୍ୱରଙ୍କୁ ହିଁ ନିଜ ମହାନଶକ୍ତି ବ୍ୟବହାର
କରିବାକୁ
ପଡ଼ିବ ।



ରାଜକୁମାର ମେଷପାଳକ ହେଲା

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଯାତ୍ରାପୁସ୍ତକ ୨-୫

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ବରଙ୍କ ବିଷୟରେ
ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି
ଏବଂ ସେହି ଈଶ୍ବର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ବର ଜାଣନ୍ତି, ଯାହାକୁ
ଈଶ୍ବର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ,
କିନ୍ତୁ ଈଶ୍ବର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ବିତୀୟ
ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ
କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ
ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ ।
ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ବାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ ।
ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ
ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬